

# ବେଲ

ହିନ୍ଦୁମାନଙ୍କ ନିମନ୍ତେ ବେଲ ଏକ ପବିତ୍ର ବୃକ୍ଷ । ତ୍ରିଶାଖା ବିଶିଷ୍ଟ ବେଲପତ୍ର ଭଗବାନ ଶିବଙ୍କର ଅତି ପ୍ରିୟ ବୋଲି ହିନ୍ଦୁମାନେ ମାନନ୍ତି ।  ଏହି ବୃକ୍ଷର ବିଭିନ୍ନ ଅଂଶ ଔଷଧ ରୂପେ ବହୁଳ ଭାବେ ବ୍ୟବହାର କରାଯାଇଥାଏ । ଭାରତ ବର୍ଷ ବେଲର ଉପ୍ ିସ୍ଥଳେ ଭାବେ ପରିଚିତ । ଏହି ଗଛ ଧିରେ ଧିରେ ବଢ଼ିଥାଏ ଏହା ଏହା ସାଧାରଣତଃ ୬ରୁ ୮ ମିଟର ପର୍ଯ୍ୟନ୍ତ ଉଚ୍ଚ ହୋଇଥାଏ । ଏହି ଗଛର ଗଣ୍ଡି ଛୋଟ ହୋଇଥାଏ ଏବଂ ଡାଳଗୁଡ଼ିକ ଚାରିପାଖକୁ ଝୁଲି ରହିଥାଆନ୍ତି । ଏହା ଏକ  ପର୍ଣ୍ଣମୋଚୀ ଜାତୀୟ ଉଦ୍ଭିଦ । ଏହି ଗଛ ଦକ୍ଷିଣ ଓ କେନ୍ଦ୍ର ଭାରତର ପାର୍ବତ୍ୟ ଓ ସମତଳ ଅ  ଳର ଜଙ୍ଗଲରେ ଏବଂ ବର୍ମା, ପାକିସ୍ଥାନ, ବଙ୍ଗଳାଦେଶ ଆଦି ଦେଶରେ ବହୁଳଭାବେ ଦେଖାଯାଏ । ଖ୍ରୀଷ୍ଟପୂର୍ବ ୬୦୦ ଶତାବ୍ଦୀରେ ପୌରାଣିକ ଗ୍ରନ୍ଥମାନଙ୍କରେ ଏହି ବୃକ୍ଷର ଉଲ୍ଲେଖ ରହିଥିବାର ଜଣାଯାଏ । ଏହା ମୁଖ୍ୟତଃ ମନ୍ଦିର ନିକଟରେ ଭାରତବର୍ଷରେ ଚାଷ କରାଯାଇଥାଏ । ଏହା ବ୍ୟତୀତ ସିଂହଳ, ମାଳଦ୍ୱୀପର ଉ  ରଭାଗ ଓ ଜାଭା ଦ୍ୱୀପପୁଞ୍ଜରେ ମଧ୍ୟ ଏହି ଗଛ ଚାଷ କରାଯାଇଥାଏ । ଫିଲିପାଇନସ୍ ଦ୍ୱୀପପୁଞ୍ଜର ଉ  ର ଲୁଜୋନ୍ ଅ  ଳରେ ମଧ୍ୟ ଏହାକୁ ଚାଷ କରାଯାଇଥାଏ । ଏହାର ବୈଜ୍ଞାନିକ ନାମ ହେଲା ଇଗ୍ଲ ମାର୍ମେଲୋସ୍  ଏବଂ ରୁଟାସି ଜାତିର ଅର୍ନ୍ତଭୁକ୍ତ । ବେଲ ଗଛ ସାଧାରଣତଃ ଗ୍ରୀଷ୍ମ ଋତୁରେ ପତ୍ରଝଡ଼ା ଦେଇଥାଏ । ମେ ଓ ଜୁନ ମାସରେ ଏହି ଗଛରେ ଫୁଲ ଫୁଟିବା ଆରମ୍ଭ ହୋଇଥାଏ । ଏହାର ଏକ ବର୍ଷ ପରେ ଅର୍ଥାତ ପରବ ୀ ମେ ଓ ଜୁନ ମାସରେ ଏଥିରେ ଫଳ ଧରିଥାଏ ।

| ବିଭିନ୍ନ ଭାଷାରେ ନାମ | |
|---|---|
| ବେଙ୍ଗଲୀ | : ବେଲ୍ |
| ହିନ୍ଦୀ | : ବେଲ୍ |
| ମରାଠୀ | : ବେଲ୍ |
| ଆସାମୀ | : ବେଲ୍ |
| ଗୁଜୁରାଟୀ | : ବିଲି, ବେଲ୍ |
| ସଂସ୍କୃତ | : ବିଲ୍ୱ, ଶିବଦ୍ରୁମ |
| ମାଲୟଲାମ | : ମାଦେଡି, ବିଲ୍ୱମ୍ |
| ଓଡ଼ିଆ | : ବେଲ |
| ତାମିଲ | : ବିଲ୍ୱମ୍ |
| ଉର୍ଦ୍ଦୁ | : ବେଲ |
| ପଞ୍ଜାବୀ | : ବିଲ୍ |
| କର୍ଣ୍ଣାଟକ | : ବିଲ୍ପତେ |
| ତେଲୁଗୁ | : ମୋରେଡୁ |

## ଜଳବାୟୁ

ଏହା ଉପକ୍ରାନ୍ତୀୟ ଅ  ଳ ଜଳବାୟୁରେ ଭଲ ବଢ଼େ । ଭାରତ ବର୍ଷରେ ବେଶୀ ବର୍ଷା ଓ ବେଶୀ ଖରା ହେଉଥିବା ଅ  ଳକୁ ଛାଡିଦେଇ ଅନ୍ୟ ସମସ୍ତ  ଅ  ଳରେ ବେଲ ଗଛ

ପ୍ରାକୃତିକ ଭାବେ ବଢ଼ିଥାଏ । ପଞ୍ଜାବରେ ସମୁଦ୍ର ପ  ନଠାରୁ ୧୨୦୦ ମିଟର ଉଚ୍ଚତାରେ ଏହା ଭଲ ବଢ଼ିଥାଏ । ୬° ରୁ ୪୯° ସେ ିଗ୍ରେଡ ଉ  ।ପରେ ଏହି ଗଛ ଉଧାଇ ପାରେ । ଦୀର୍ଘଦିନଧରି ଖରା ନ ହେଉଥିବା ସ୍ଥାନରେ ଏହା ଭଲ ବଢ଼େ ନାହିଁ ।

## ମାଟି

ବେଲଗଛ ସାଧାରଣତଃ ଉର୍ବର, ନିଗିଡା ଜମିରେ ଭଲ ବଢ଼େ । କିନ୍ତୁ ସାହାରାନ୍‌ପୁରରେ ଥିବା ଉଦ୍ୟାନ କୃଷି ଗବେଷଣା କେନ୍ଦ୍ରର ଡଃ. ଏଲ.ବି.ସିଂହଙ୍କ ମତରେ ଏହା ସନ୍ତସନ୍ତିଆ, କ୍ଷାରଯୁକ୍ତ ଓ ପଥୁରିଆ ମାଟିରେ ମଧ ଭଲ ବଢ଼ିପାରେ । ୫ ରୁ ୮ ଅମ୍ଳଯୁକ୍ତ ମାଟିରେ ଏହା ଭଲ ବଢ଼ିପାରେ । ଭାରତବର୍ଷରେ ଯେଉଁଠି ଅନ୍ୟ ଫଳ ଗଛ ବଢ଼ିପାରେ ନାହିଁ ସେଠାରେ ଏହି ଗଛ ଭଲ ବଢ଼ିଥାଏ ।

## ପ୍ରକାର

ବେଲ ମୁଖ୍ୟତଃ ଦୁଇ ପ୍ରକାରର ହୋଇଥାଏ । ପ୍ରଥମଟି ହେଲା ଜଙ୍ଗଲି ବେଲ (ଜଙ୍ଗଲରେ ମିଳୁଥିବା) ଓ ଦ୍ୱିତୀୟଟି ହେଲା ଗ୍ରାମ୍ୟ ବେଲ (ଗାଁ ରେ ମିଳୁଥିବା) । ଜଙ୍ଗଲି ବେଲ ଗଛରେ ଅପେକ୍ଷାକୃତ ଅଧିକ କ । ଥାଏ । ଏହି ଗଛରେ ଫଳ ଛୋଟ ଛୋଟ ଏବଂ କମ୍ ହୋଇଥାଏ । ଗ୍ରାମ୍ୟ ବେଲ ଗଛରେ କମ୍ କ । ଥାଏ ଓ ଅଧିକଦ ଫଳ ହୋଇଥାଏ । ଡଃ.ଏଲ୍.ବି.ସିଂଓ ତାଙ୍କର ସହକର୍ମୀମାନେ ଉ ରପ୍ରଦେଶରେବେଲଗଛର ପ୍ରକାରଭେଦ ଉପରେ



ଗବେଷଣା କରି ପ୍ରାୟ ୧୦୦ ପ୍ରକାର ପ୍ରଜାତି ଠାବ କରିଥିଲେ । ଏଥିମଧ୍ରୁ ମିତନାପୁରୀ, ଦାରୋଗାଜି, ରାମପୁରୀ, ଆଳମାଟି, ଖମାରିଆ ଆଦି ବ୍ୟବସାୟିକ କୃଷି ନିମନ୍ତେ ଉପଯୋଗୀ ଅଟେ । "କାଗ୍‌ଜି" ନାମରେ ଅନ୍ୟ ଏକ ପ୍ରଜାତି ଯାହାକି ପ୍ରଚୁର ଫଳେ, ପତଳା ଚୋପାଯୁକ୍ତ ଏବଂ ଅଳ୍ପ ମଞ୍ଜି ଥାଏ । ମିତନାପୁରୀ ପ୍ରଜାତି ମଧ ପତଳା ଚୋପାଯୁକ୍ତ, କମ୍ ତନ୍ତୁ ଏବଂ ଅଠା ଥାଏ, ଭଲ ବାସ୍ନା ଏବଂ ଅଳ୍ପ ମଞ୍ଜିଯୁକ୍ତ ଅଟେ । କେତେକ ପ୍ରଜାତି ଯାହା ଆକାରରେ ଛୋଟ ଏବଂ ଟାଣ ଚୋପାଯୁକ୍ତ ହୋଇଥାଏ । ଏହାକୁ ଫଟାଇବା ନିମନ୍ତେ



ଅଧିକ ବଳ ପ୍ରୟୋଗ କରିବାକୁ ହୋଇଥାଏ । ଏହି ପ୍ରକାର ଫଳ ସାଧାରଣ ଖାଦ୍ୟ ବ୍ୟବହାର ଅପେକ୍ଷା ଔଷଧ ନିମନ୍ତେ ବ୍ୟବହାର ହୋଇଥାଏ ।

## ବେଲ ଫଳର ସଂରଚନା

ବେଲ ଏକ ପୌଷ୍ଟିକ ଫଳ ଅଟେ । ଗୋଟିଏ ବେଲର ଓଜନ ୧୦୦ ଗ୍ରାମରୁ ୨.୫ କିଲୋଗ୍ରାମ ହୋଇଥାଏ ।ଏହି ଫଳର ଉପର ଚ୍ଛେପା କଠିନ ଏବଂ ମସୃଣ ଏହି ଫଳ ଅତ୍ୟନ୍ତ ସୁଗନ୍ଧଯୁକ୍ତ ଅଟେ । ଫଳରେ ଭିତରେ ଥିବା ଶସ ହଳଦିଆ ରଙ୍ଗର ଓ ଶସ ଭିତରେ ଥିବା ଏକ ନିଛଳ କାରକ ପଦାର୍ଥ ଛୋଟ ଛୋଟ ମଞ୍ଜି ସବୁକୁ ଘୋଡ଼ାଇ ରଖିଥାଏ । ଏହି ଫଳରେ ୬୧.୫% ଆର୍ଦ୍ରତା, ୧.୮% ପ୍ରୋଟିନ୍, ୧.୭% ଖଣିଜ ଲବଣ, ୩୧.୮% କାର୍ବୋହାଇଡ୍ରେଟ୍, ୦.୫୫% କେରୋଟିନ୍, ୦.୦୧୩% ଥାଇମିନ ଏବଂ ସ୍ୱଳ୍ପ ମାତ୍ରାରେ ରାଇବୋଫ୍ଲେବିନ୍, ନିଆସିନ୍ ଓ ଭିଟାମିନ୍ ସି ମହଜୁଦ ଥାଏ ।

| **୧୦୦ ଗ୍ରାମ ବେଲ ଶସରେ ଥିବା ଖାଦ୍ୟ ଗୁଣ** | |
|---|---|
| ଜଳ | ୫୪.୯୬ ରୁ ୬୧.୫ ଗ୍ରାମ୍ |
| ପ୍ରୋଟିନ୍ | ୧.୮ ରୁ ୨.୬୨ ଗ୍ରାମ୍ |
| ସ୍ନେହସାର | ୦.୨ ରୁ ୦.୩୯ ଗ୍ରାମ୍ |
| କାର୍ବୋହାଇଡ୍ରେଟ୍ | ୨୮.୧୧ ରୁ ୩୧.୮ ଗ୍ରାମ୍ |
| ଭସ୍ମ | ୧.୦୪ ରୁ ୧.୭ ଗ୍ରାମ୍ |
| କାରୋଟିନ୍ | ୫୫ ମିଲିଗ୍ରାମ୍ |
| ଥାଇଆମିନ୍ | ୦.୧୩ ମିଲିଗ୍ରାମ୍ |
| ରିବୋଫ୍ଲାଭିନ୍ | ୧.୧୯ ମିଲିଗ୍ରାମ୍ |
| ନିଆସିନ୍ | ୧.୧ ମିଲିଗ୍ରାମ୍ |
| ଆସ୍କୋରବିକ୍ ଏସିଡ୍ | ୮.୬୦ ମିଲିଗ୍ରାମ୍ |
| ଟାରଟାରିକ୍ ଏସିଡ୍ | ୨.୧୧ ମିଲିଗ୍ରାମ୍ |

## ଜଳସେଚନ

ବେଲ ଏକ ଅତ୍ୟଧିକ ସହନଶୀଳ ଗଛ ଯାହା ବେଶୀ ପାଣି ଦରକାର କରେ ନାହିଁ । ଅପ୍ରେଲ ମାସରେ ଏହାର ପତ୍ରଗୁଡ଼ିକ ଶୁଖି ଝଡ଼ି ପଡ଼େ । ମେ ଓ ଜୁନ ମାସରେ ଏହାର ପତ୍ର କଅଁଳେ । ନୂଆ ପତ୍ର ଗଛରେ ଆସିଲା ବେଳକୁ ଥରେ ବା ଦୁଇ ଥର ପାଣି ଦିଆଗଲେ ଗଛର ଉତ୍ପାଦନ ବୃଦ୍ଧି ପାଇଥାଏ ।



**କୃଷି**

ଏହି ଗଛ କମ୍ ସାର ଓ ସ୍ୱଳ୍ପ ଜଳସେଚନ ଆବଶ୍ୟକ କରୁଥିବାରୁ କୃଷି ନିମନ୍ତେ ବିଶେଷ ସାବଧାନତା ଅବଲମ୍ବନ କରିବାକୁ ଆବ୍ୟଶକତା ପଡେନାହିଁ । ପ୍ରତ୍ୟେକ ବେଲ ଗଛରୁ ଅନ୍ୟ ବେଲ ଗଛର ଦୂରତା ସାଧାରଣତଃ ୨୦ ରୁ ୨୫ ଫୁଟ୍ (୬ ରୁ ୮ ମିଟର) ହେବା ଆବଶ୍ୟକ । ୬ ରୁ ୭ ବର୍ଷ ମଧ୍ୟରେ ଏହି ଗଛରେ ଫଳ ଆସିଥାଏ । କଲମି ଗଛରେ ୫ ବର୍ଷରେ ଫଳ ଧରିବାର ଉଦାହରଣ ରହିଛି । ସଂପୂର୍ଣ୍ଣଭାବେ ଫଳ ଧରିବାକୁ ଗଛ ୧୫ ବର୍ଷ ସମୟ ନେଇଥାଏ ।  ପତ୍ର କଅଁଳିବା ପରେ ପରେ ଫୁଲ ଧରିବା ଆରମ୍ଭ ହୁଏ । ଭାରତବର୍ଷରେ ବେଲଗଛ ଏପ୍ରିଲ କିମ୍ବା ମେ ମାସରେ ପ୍ରଥମ ପର୍ଯ୍ୟାୟରେ ଫୁଲ ଧରିଥାଏ । ଫୁଲ ଧରିବାର ୧୦ ରୁ ୧୧ ମାସ ପରେ ଫଳ ପାଚିଥାଏ । ଅର୍ଥାତ ତା ପର ବର୍ଷ ମାର୍ଚ୍ଚ ରୁ ଜୁନ୍ ମାସ ମଧ୍ୟରେ ଫଳପାଚେ ।

**ବଂଶବୃଦ୍ଧି**

ସାଧାରଣତଃ ବେଲଗଛ ମଞ୍ଜିରୁ ଚାରା ପ୍ରସ୍ତୁତ କରାଯାଇ ଜମିରେ ଚାରାକୁ ଲଗାଯାଇଥାଏ । ଚାରାର ବିଭିନ୍ନତା ଅନୁଯାୟୀ ବେଲ ଗଛ ଓ ଏହାର ଫଳରେ ମଧ୍ୟ ବିଭିନ୍ନତା ଆସିଥାଏ । ଗଛର ଉଚ୍ଚତା, ବକ୍କଳ, ଫଳରେ ତନ୍ତୁର କମ୍ ବେଶୀ ଓ ଗୁଣବ  । ମଧ୍ୟ ଚାରା ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ । ଚାରା ଅନୁସାରେ ବେଲର ବାସ୍ନା ମଧ୍ୟ ଭିନ୍ନ ହୋଇଥାଏ । ଏଣୁ ଭଲ ଫଳ ନିମନ୍ତେ ଭଲ ଚାରା ଲଗାଇବା ଆବଶ୍ୟକ ହୋଇଥାଏ । ବେଳେ ବେଳେ ଡାଳ କିମ୍ବା ଚେର ମଧ୍ୟ ବଂଶବୃଦ୍ଧି ନିମନ୍ତେ କଲମି କରାଯାଇଥାଏ ।

**ମଞ୍ଜି ଦ୍ୱାରା**

ଏକ କିଲୋଗ୍ରାମ ଓଜନରେ ହାରାହାରୀ ୫୦୦୦ ମଞ୍ଜି ରହିଥାଏ । ମଞ୍ଜି ବାହାର କରିବାର ତିନିମାସ ପରେ ଏଥିରୁ ଚାରା ଉତ୍ପାଦନ କ୍ଷମତା ହ୍ରାସ ପାଇଥାଏ । ଏଣୁ ମଞ୍ଜିକୁ ଫଳରୁ ଅଲଗା କରିବା ମାତ୍ରେ ଚାରା ଉ  ।ରିବା ନିମନ୍ତେ ଲଗାଇଦିଆଯିବା ଉଚିତ । ପଲିଥିନ୍ ପ୍ୟାକେଟ୍‌ରେ ମାଟି ଓ ଖତ ମିଶାଇ ଗୋଟିଏ ରୁ ଦୁଇଟି ମଞ୍ଜି ପୋତି ଦିଆଯାଏ । ଚାରା ଉ  ।ରିବା ନିମନ୍ତେ ଜୁନ୍ ମାସ ସର୍ବୋତ୍କୃଷ୍ଟ ହୋଇଥାଏ । ବର୍ଷା ନ ହେଲେ ଚାରା ପଟାଳି ଉପରେ ଅଳ୍ପ ପାଣି ଛି ୍ ଦେବାକୁ ପଡ଼େ ।

**କଲମି ଦ୍ୱାରା**

ମାର୍ଚ୍ଚ ମାସରେ ମାଟିରୁ ୧୨୦ ସେ ିମିଟର ଛାଡ଼ି ଗଛରୁ ବକ୍କଳକୁ ଛେଲି ଦିଆଯାଇଥାଏ । ତାପରେ ଏହା ଉପରେ ଏକ ପଟି ବାନ୍ଧି ଦିଆଯାଏ । ବାନ୍ଧିବାର ଠିକ୍ ୩ ମାସ ପରେ ଜୁନ୍



ମାସରେ ସେହି କଟା ଜାଗାରୁ ଏକ କଲମି ବାହାରିଥାଏ । ବାହାରିଥିବା ଏହି କଲମିକୁ ଯତ୍ନ ସହକାରେ ନେଇ ଜମିରେ ଲଗାଯାଇଥାଏ ।

## ଜମି ପ୍ରସ୍ତୁତି ଓ ବୃକ୍ଷରୋପଣ

ଅପ୍ରେଲ୍ ଓ ମେ ମାସରେ ୩ ଫୁଟ ଲମ୍ବ ୩ ଫୁଟ ଚଉଡା ଓ ୩ ଫୁଟ ଗଭୀରର ଗାତ ଖୋଳାଯାଇଥାଏ । ପ୍ରତି ଗାତରୁ ଅନ୍ୟ ଗାତର ଦୂରତା ୩୦ ଫୁଟ ହେବା ଆବଶ୍ୟକ । ଗାତକୁ ୨ ମାସ ପର୍ଯ୍ୟନ୍ତ ଖରା ଖାଇବାକୁ ଛାଡ଼ି ଦିଆଯାଇଥାଏ । ଜୁନ୍ ଜୁଲାଇ ମାସରେ ଚାରି ପା  ଥର ବର୍ଷା ହୋଇଗଲା ପରେ ଗଛ ଲଗାଯାଏ । ଲଗାଇବା ପୂର୍ବରୁ ପ୍ରତି ଗାତରେ ୨୦ କିଲୋଗ୍ରାମ ଗୋବର ଖତ ଏବଂ ୨ କିଲୋଗ୍ରାମ ନିମ୍ବ ଛେଲି ପକାଇବା ଉଚିତ । ଗାତକୁ ଏପରି ପୂର୍ଣ୍ଣ କରିବା ଆବଶ୍ୟକ ଯେପରି କି ଉପରୁ ୬ ଇ  ଖାଲି ରହିବ । ଗଛ ଲଗାଇ ସାରିବା ପରେ କିଛି ପାଣି ଛି ୍ବା ଆବଶ୍ୟକ ।

ଗଛ ଭଲ ବଢ଼ିବା ପାଇଁ ପ୍ରଥମ ବର୍ଷ ଏଥିରୁ ଛୋଟ ଛୋଟ ଡାଳ ତଳ ଆଡୁ କାଟି ଦିଆଯାଏ । ଏହି କାର୍ଯ୍ୟ ବର୍ଷକୁ ଦୁଇ ଥର (ଅପ୍ରେଲ ଏବଂ ଅଗଷ୍ଟ ମାସ ) କରାଯିବା ଉଚିତ ।

## ଅମଳ

ଫଳ ଈଷତ୍ ହଳଦିଆ ଓ ଈଷତ୍ ସବୁଜ ରଙ୍ଗ ଥିଲାବେଳେ ଅମଳଯୋଗ୍ୟ ହୋଇଥାଏ । ତୋଳି ସାରିବା ପରେ ଫଳକୁ ୮ ଦିନ ପର୍ଯ୍ୟନ୍ତ ରଖାଯାଇଥାଏ, ଫଳରେ ଏହାର ସବୁଜ ରଙ୍ଗ ଧିରେ ଧିରେ ହଳଦିଆ ହୋଇଯାଏ । ଏହାପରେ ଫଳରୁ ଡେମ୍ଫକୁ ଅଲଗା କରିଦିଆଯାଏ । ପୂର୍ଣ୍ଣ ବିକଶିତ ହେବାର ୨/୩ ମାସ ପୂର୍ବରୁ ମଧ୍ୟ ଫଳକୁ ଜାନୁୟାରୀ ମାସରେ ତୋଳାଯାଇଥାଏ ଏବଂ କୃତ୍ରିମ ଉପାୟରେ ଏହା ୧୮ ରୁ ୨୪ ଦିନ ମଧ୍ୟରେ ପଚାଇ ଦିଆଯାଇଥାଏ । ଏହି ଫଳକୁ ୩୦° ସେ ିଗ୍ରେଡ ଉ  ।ପରେ ସଂରକ୍ଷଣ କରାଯିବା ଆବ୍ୟଶକ, ବେଲର ଉପର ଚୋପା ନ ଫାଟିବା ନିମନ୍ତେ ଏହାକୁ ଅମଳ କରିବା ସମୟରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବାକୁ ହୋଇଥାଏ । କିନ୍ତୁ ହାରାହାରି ପ୍ରତିଗଛରେ୧୫୦ ରୁ ୨୦୦ ଟି ଫଳ ଫଳିଥାଏ ।

## ସଂରକ୍ଷଣ

ସାଧାରଣତଃ ବେଲ ଫଳକୁ ୩୦° ସେ ିଗ୍ରେଡ ଉ  ।ପରେ ୨ ସପ୍ତାହ ପର୍ଯ୍ୟନ୍ତ ଓ ୯° ସେ ିଗ୍ରେଡ ଉ  ।ପରେ ୪ ମାସ ପର୍ଯ୍ୟନ୍ତ ସାଇତିବାକୁ ହୋଇଥାଏ । ଏହାପରେ ଚୋପାରେ



ଫାଟ ଦେଖାଗଲେ ଏହା ସଂପୂର୍ଣ୍ଣରୂପେ ପାଚିଗଲା ବୋଲି ଜଣାଯାଇଥାଏ । ଏହି ପ୍ରକ୍ରିୟାରେ ବେଲ ଫଳରେ ମହଜୁଦ ଥିବା ଔଷଧୀୟଗୁଣ ନଷ୍ଟ ହୋଇନଥାଏ ।

## ରୋଗ ଓ ପୋକ

ସାଧାରଣତଃ ବେଲ ଫଳରେ ରୋଗ ପୋକ କୌଣସି କ୍ଷତି ପହୁ ।ଇ ପାରନ୍ତି ନାହିଁ । କେତେକ ସଂରକ୍ଷଣରେ ଅସୁବିଧା ହେଲେ ସ୍ଥଳ ବିଶେଷରେ ଏଥିରେ ଫିମ୍ପି ମାରିଯାଇଥାଏ ।

## ଖାଦ୍ୟଉପଯୋଗୀ ବ୍ୟବହାର

ଏହାର ପତ୍ର, ଛେଲି ବା ବକ୍କଳ, ମୂଳ, କ । ଓ ପାଚିଲା ଫଳ ବ୍ୟବହାରରେ ଆସିଥାଏ । ଇଣ୍ଡୋନେସିଆରେ ବେଲକୁ ଫଟାଇ ଏହାର ଶସ ସହିତ ଚିନି ମିଶାଇ ଏହାକୁ ଜଳଖିଆଭାବେ ବ୍ୟବହାର କରାଯାଏ । କ୍ଷୀର ସହିତ ଚିନି ଓ ବେଲ ଶସ ମିଶାଇ ଏକ ପଣା ପ୍ରସ୍ତୁତ କରି ଭାରତ ବର୍ଷରେ ବ୍ୟବହାର କରାଯାଏ । ବେଲର ଶସକୁ ତେନ୍ତୁଳି ସହିତ ମିଶାଇ ଏକପ୍ରକାର ଖାଦ୍ୟ ତିଆରି କରାଯାଏ । ଏହି ପ୍ରସ୍ତୁତିକୁ ମୁଖ୍ୟତଃ ଔଷଧଭାବେ ବ୍ୟବହାର କରାଯାଏ । ସଂପୂର୍ଣ୍ଣ ପାକଳ ହୋଇନଥିବା ଫଳରୁ

ଜାମ୍ ପ୍ରସ୍ତୁତ କରାଯାଏ । ଉଭୟ ଖାଦ୍ୟ ଓ ଔଷଧରେ ବ୍ୟବହାର ନିମନ୍ତେ ବେଲର ଶସରୁ ଏକ ପ୍ରକାର ସିରପ୍ ପ୍ରସ୍ତୁତ କରାଯାଇଥାଏ । ବେଲର ଶସକୁ ପିଜୁଳି ସହିତ ମିଶାଇ ଏକ ପ୍ରକାର ଜେଲି ପ୍ରସ୍ତୁତ କରାଯାଇଥାଏ । ବେଲର ଶସରୁ ଆଚ୍ଚର ମଧ ତିଆରି କରାଯାଏ । ଏହାର ଶସକୁ ଚିନି, ଗ୍ଲୁକୋଜ୍ ଓ ଗୁଣ୍ଡ ଦୁଗ୍ଧ ସହିତ ମିଶାଇ ଚକୋଲେଟ୍ ତିଆରି କରାଯାଏ । ଥାଇଲାଣ୍ଡରେ ଏହାର କଅଁଳ ପତ୍ର ଓ ମୂଳକୁ ରାନ୍ଧିକରି ଖାଇଥାନ୍ତି । ଏହା କ୍ଷୁଧା ନିବାରଣ ନିମନ୍ତେ ଉପଯୋଗୀ ହୋଇଥାଏ । ଏହାର ଫୁଲକୁ ଭିଜାଇ ଏକ ପ୍ରକାର ଶୀତଳ ପାନୀୟ ପ୍ରସ୍ତୁତ କରାଯାଇଥାଏ ।

## ଔଷଧୀୟ ବ୍ୟବହାର

ବେଲ ଅନେକ ରୋଗର ମହୌଷଧି ରୂପେ ବ୍ୟବହୃତ ହୋଇଥାଏ । ଏହା ଆମ୍ ପି ।ତିସାର, ଆମାତିସାର, ପି  ରକ୍ତାତିସାର, ଅସାଧ ଝାଡ଼ା, ନାଳରକ୍ତ ଝାଡ଼ା, ପକ୍ୱାତିସାର, ପତଳାଝାଡ଼ା, ନାଳରକ୍ତ ଝାଡ଼ା, ଅନ୍ତନଳୀ ରୋଗ, ଅନ୍ତନଳୀ ଘା,କୋଷ୍ଠକାଠିନ୍ୟ, ପେଟମୋଡ଼ା, ପେଟମରା ଯନ୍ତ୍ରଣା, ପେଟ ଦରଜ ହେଲେ, ପେଟଫମ୍ପା- ପେଟର ଯାବତୀୟ ଦୋଷ, ଜ୍ୱର, ଆନ୍ତ୍ରିକ ଜ୍ୱର, ବାତିକା ସୂତିକା ଜ୍ୱର, ସନ୍ନିପାତ ଜ୍ୱର, ଜ୍ୱରଜନିତ ପ୍ରଳାପ, କମ୍ପଜ୍ୱର, ପିଲାଙ୍କର ଯାବତୀୟ ଜ୍ୱର, ଶ୍ୱାସ, ଅର୍ଶ, ରକ୍ତ ଅର୍ଶ, ସବୁ ପ୍ରକାର ଅର୍ଶ, ଶୋଥ, ସନ୍ଧିଗତ ବାତ, ମଧୁମେହ, ପ୍ରମେହ, ହାତପାଦ ଜଳାପୋଡା, ସ୍ତ୍ରୀ



ରୋଗ,ଶ୍ୱେତପଦର, ଗର୍ଭପାତ ନିବାରଣ, ପ୍ରସବ କଷ୍ଟ, ପ୍ରସବଜନିତ ବେଦନା, ମୁଣ୍ଡରେ ଉକୁଣି ହେଲେ, ଥଣ୍ଡା କାଶ, ଲଟରା କାଶ, ମୁଣ୍ଡ ବ୍ୟଥା, କର୍ଣ୍ଣରୋଗ, ବଧିରତା, କର୍ଣ୍ଣ ସ୍ୱେଦ, ଦାନ୍ତମାଢ଼ି ରୋଗ, ଚକ୍ଷୁରୋଗ, ଅନ୍ଧାରକଣା, ଅନିଦ୍ରା, କ । ପଶିଲେ, ଘା' ଶୁଖିବା ବିଳମ୍ବ, ସ୍ନାୟୁରୋଗ, ସର୍ପବିଷ, ବିଛା, ବିରୁଡ଼ି ବିଷ, ହୃଦରୋଗ ଓ ରକ୍ତଚାପ, ମୂତ୍ରାଶୟ ରୋଗ, ମୂତ୍ର ରୋଧ, ଘନଘନ ପରିସ୍ରା ମାଡୁଥିଲେ, ବାନ୍ତି, ବ୍ରଣ, ପୁରୁଷ ରୋଗ, ଧାତୁ ଦୌର୍ବଲ୍ୟ, ଧାତୁ ବୃଦ୍ଧି, ନପୁଂସକତା, ରକ୍ତହୀନତା, ବାଳାତିସାର ରୋଗର ତୁଟୁକା, ଅମ୍ଳପି , ଆମାଶୟ, ପୁରାତନ ଅତିସାର, ଅନ୍ତଶୋଧନ, ରକ୍ତଶୋଧନ, ବଧିରତା ଦୂର ପାଇଁ, ଲଟରା କାଶ, ସୌନ୍ଦର୍ଯ୍ୟ ରକ୍ଷା ଆଦି ରୋଗର ଚିକିତ୍ସା ନିମନ୍ତେ ବେଲ କାମରେ ଆସିଥାଏ । ପତଳା ଓ ନାଳରକ୍ତଝାଡା ଯୋଗୁଁ ଦୁର୍ବଳ ଅନୁଭବ ହେଲେ ବେଲରୁ ପ୍ରସ୍ତୁତ ଏକ ଦ୍ରବଣ ଉପକାରରେ ଲାଗିଥାଏ ।

ବେଲ ଫଳରୁ ପ୍ରସ୍ତୁତ ପଣା ହଜମକ୍ରିୟାରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଏହା କୋଷ୍ଠକାଠିନ୍ୟ ଦୂର କରିବାରେ ସାହାଯ୍ୟ କରେ । କ । ଫଳର ଶସ ଅଦା ସହ ମିଶାଇ ରକ୍ତକ୍ଷରଣ ବନ୍ଦ କରିବା ନିମନ୍ତେ ବ୍ୟବହୃତ ହୁଏ । ଏହି ଫଳକୁ ଖାଦ୍ୟ ରୂପେ ବ୍ୟବହାର କରିବା ଫଳରେ ଏହା ସୂର୍ଯ୍ୟକିରଣ ସହ୍ୟ କରିବାର ଶକ୍ତି ବୃଦ୍ଧି କରେ ଏବଂ ଚର୍ମର ରଙ୍ଗକୁ ଉଜ୍ଜ୍ୱଳ ରଖିବା ନିମନ୍ତେ ସାହାଯ୍ୟ କରେ । ଏହା ମଧ୍ୟ ଧବଳକୃଷ୍ଠ_ଚିକିତ୍ସାରେ ସାହାଯ୍ୟ କରେ । ଏହି ଫଳର ଶସ ମଳମୂତ୍ର ନିଷ୍କାସନ ସହଜ କରିବାରେ ସାହାଯ୍ୟ କରିଥାଏ । ଅଧିକ ମାତ୍ରାରେ ଗ୍ରହଣ କଲେ ଏହା ଶ୍ୱାସକ୍ରିୟାର ହାର ହ୍ରାସ କରିଥାଏ, ହୃଦୟର ସ୍ପନ୍ଦନର ହାର ହ୍ରାସ କରେ ଏବଂ ନିଦ୍ରାଳୁ ଭାବ ବୃଦ୍ଧି କରିଥାଏ । ଔଷଧରେ ବ୍ୟବହାର ନିମନ୍ତେ କଷି କ । ଫଳକୁ ଲମ୍ବଭାବରେ କାଟି ଖରାରେ ଶୁଖାଇ ବଜାରରେ ବିକ୍ରି କରାଯାଏ । ଏହା ମାଳଦ୍ୱୀପ ଓ ୟୁରୋପକୁ ପ୍ରଚୁର ପରିମାଣରେ ରପ୍ତାନୀ ହୁଏ । ଏହାର କୋଷ୍ଠବଦ୍ଧକାରକ ଗୁଣ ଥିବା ଯୋଗୁଁ ବଣୁଆ ବେଲ ପତଳାଝାଡା ଓ ନାଳରକ୍ତ ଝାଡା ବନ୍ଦ କରିବା ନିମନ୍ତେ ସହାୟକ ହୁଏ । ବେଲ ମଞ୍ଜିରୁ ବାହାରୁଥିବା ଇଷତ୍ ହଳଦିଆ ରଙ୍ଗର ତୈଳ ଅତ୍ୟଧିକ ପିତା ହୋଇଥାଏ । ଏହି ତୈଳରୁ ୧.୫ ଗ୍ରାମ ସେବନ କଲେ ଏହା ରେଚକଭାବେ କାର୍ଯ୍ୟ କରେ । ଏହି ତୈଳରେ ୧୫.୬% ପାଲମିଟିକ୍ ଅମ୍ଳ ୮.୩% ଷ୍ଟିଅରିକ୍ ଅମ୍ଳ, ୨୮.୭% ଲିନୋଲେଇକ୍ ଓ ୭.୬% ଲିନୋଲେନିକ ଅମ୍ଳ ମହଜୁଦ ଥାଏ ।

ବେଲପତ୍ର ରସରଏକ କଟୁବାସ୍ନା ଥାଏ । ଏହା ତିକ୍ତ ସ୍ୱାଦଯୁକ୍ତ ଅଟେ । ଏହାକୁ ମହୁ ସହ ମିଶାଇ ଜ୍ୱର ରୋଗ ଔଷଧ ରୂପେ ବ୍ୟବହାର କରାଯାଇଥାଏ । ଏହା ସହିତ

ଗୋଲମରିଚଗୁଣ୍ଡ ମିଶାଇ କୋଷ୍ଠବଦ୍ଧତା ଓ କାମଳରୋଗ ଉପଶମ ନିମନ୍ତେ ବ୍ୟବହାର କରାଯାଇଥାଏ । ପତ୍ରରସ ସେବନ ଦ୍ୱାରା ଆଜମା ରୋଗ ପ୍ରତିରୋଧ କରାଯାଇପାରେ, ପତ୍ରର ରସକୁ ଉଷୁମ କରି ସେବନ କଲେ ଏହା ବ୍ରୋଙ୍କାଇଟିସ, ଫୁଲାରୋଗ ଭଲ କରିବାରେ ସହାୟକ ହୋଇଥାଏ ।

ଫୁଲର ରସକୁ ଆଖିରେ ଲୋସନ୍ ଭାବେ ବ୍ୟବହାର କରାଯାଇଥାଏ । ଏହାର ବକ୍କଳକୁ କ୍ୱାଥ କରି ମ୍ୟାଲେରିଆ ରୋଗ ନିରାକରଣ ନିମନ୍ତେ ବ୍ୟବହାର କରାଯାଇଥାଏ । ମୂଳରୁ ପ୍ରସ୍ତୁତ ହୋଇଥିବା କ୍ୱାଥ ହୃଦୟ ରୋଗ ନିରାକରଣରେ ସହାୟକ ହୋଇଥାଏ । ଏହା ଅଜିର୍ଣ୍ଣ, ବଥ'ଘା ଏବଂ ବାନ୍ତି ବନ୍ଦ କରିବା ନିମନ୍ତେ ମଧ୍ୟ ସାହାଯ୍ୟ କରେ । ବେଲ ଫଳ, ମୂଳ ଏବଂ ପତ୍ରର ଜୀବାଣୁ ପ୍ରତିରୋଧ ଶକ୍ତି ରହିଛି । ଏହାର ଚେର, ପତ୍ର ଏବଂ ଛେଲି ସାପ କାମୁଡା ଭଲ କରିବା ନିମନ୍ତେ ସାହାଯ୍ୟ କରିଥାଏ ।

### ଅନ୍ୟାନ୍ୟ ବ୍ୟବହାର

**ଫଳ:** ଫଳର ଶସରେ ସଫା କରିବା ତ ୍ୱ ମହଜୁଦ ଥିବାରୁ ଏହାକୁ ଲୁଗାସଫା କରିବା ନିମନ୍ତେ ବ୍ୟବହାର କରାଯାଏ । ଭିନେଗାର ପ୍ରସ୍ତୁତିରେ ମଇଳା କାଢିବା ନିମନ୍ତେ ବେଲ ଫଳ ବ୍ୟବହୃତ ହୁଏ । ଫଳ କ ।ଥିଲାବେଳେ ଏଥିରେ ପ୍ରଚୁର ପରିମାଣର ଅଠା ନିର୍ଗତ ହୋଇଥାଏ । ଏହି ଅଠାକୁ ଘରେ ବ୍ୟବହାର କରାଯିବା ସହ ଗହଣା ତିଆରିରେ ମଧ୍ୟ ଲଗାଯାଇଥାଏ । ବେଳେବେଳେ ଏହାକୁ ସାବୁନ ବଦଳରେ ବ୍ୟବହାର କରାଯାଇଥାଏ । ଏହାକୁ କୂଅ ଭିତର ଅଂଶର ଗଲସ୍ତୁରା ଏବଂ କାନ୍ଥ ତିଆରି ନିମନ୍ତେ ବ୍ୟବହୃତ ସିମେ ଓ ଚୂନ ସହ



ମିଶାଇ ବ୍ୟବହାର କରାଯାଏ । ଚିତ୍ରକରମାନେ ସେମାନଙ୍କର ରଙ୍ଗ ସହ ମିଶାଇ ଏହାକୁ ବ୍ୟବହାର କରନ୍ତି । ପଟ୍ଟଚିତ୍ର ଉପରେ ଏହାକୁ ଏକ ପ୍ରତିରୋଧକ ଭାବେ ମଧ୍ୟ ସ୍ଥଳବିଶେଷରେ ବ୍ୟବହାର କରାଯାଏ । ଥାଇଲାଣ୍ଡର ପୂର୍ବା ଳରେ ଥିବା ମହାପୋଟ ଜିଲ୍ଲାରେ ବ୍ୟବସାୟିକ ଭି ିରେ ବେଲଫଳରୁ ଗ୍ର ପ୍ରସ୍ତୁତ କରାଯାଇଥାଏ । ଏହି ଅ ଳର ସ୍ତ୍ରୀ ଲୋକମାନେ ବେଲକୁ ସମ୍ପୂର୍ଣ୍ଣ ପାଚିଲା ପୂର୍ବରୁ ତୋଳି ଆଣି ଏଥିରେ ଥିବା ଶସକୁ



ଛୋଟ ଛୋଟ ଖଣ୍ଡକରି ବାଟି ଖରାରେ ଶୁଖାଇ ଦଅନ୍ତି । ଏହା ସମ୍ପୂର୍ଣ୍ଣରୂପେ ଶୁଖିଗଲାପରେ ୨୦ ମିନିଟ ଧରି ଏହାକୁ ଭାଜି ଦିଆଯାଏ । ଏହାପରେ ଏହି ଭଜା ଯାଇଥିବା ଶସକୁ ଗୁଣ୍ଡକରି ପ୍ୟାକିଂ କରାଯାଇଥାଏ । ଏହି ବ୍ୟବସାୟରୁ ପ୍ରତ୍ୟେକ ପରିବାର ହାରାହାରୀ ମାସକୁ ୬୦୦୦ ଭାଟ (ଥାଇମୁଦ୍ରା) ବା ପ୍ରାୟ ୧୧୦୦୦ ଟଙ୍କା ରୋଜଗାର କରିଥାନ୍ତି । ଏହାର ବକ୍କଳରୁ ପ୍ରସ୍ତୁତ ତୈଳରେ ଲିମୋନିଜ୍ ଭଳି ଏକ ପଦାର୍ଥ ମହଜୁଦ ଥାଏ । ମାତ୍ରା ଥାଏ, ଯାହା କେଶ ତୈଳକୁ ବାସ୍ନାଯୁକ୍ତ କରିବା ନିମନ୍ତେ ବ୍ୟବହୃତ ହୁଏ । ବେଲ ଫଳରେ ଖୋପା ଟାଣ ଥିବାରୁ ଏଥିରେ ସୁନ୍ଦର ନାଶଦାନୀ ପ୍ରସ୍ତୁତ କରାଯାଇଥାଏ । ଏହି ଦାନୀର ଉପରକୁ ବେଳେବେଳେ ସୁନେଲି, ରୁପେଲି ରଙ୍ଗ କରାଯାଇଥାଏ । କ  । ଫଳରେ ଖୋପାକୁ ଚମଡା କଷାଇବା ନିମନ୍ତେ ବ୍ୟବହାର କରାଯାଇଥାଏ । ଏଥିରୁ ନିର୍ଗତ ହେଉଥିବା ହଳଦିଆ ରଙ୍ଗକୁ ସିଲକ ବସ୍ତ୍ର ପ୍ରସ୍ତୁତିରେ ଲଗାଯାଏ ।

**ପତ୍ର :** ହିନ୍ଦୁ ସଂସ୍କୃତରେ ବେଲପତ୍ରକୁ ମହାପ୍ରଭୁ ଶିବଙ୍କଠାରେ ଲାଗି କରାଯିବାର ପ୍ରଥା ପ୍ରଚଳିତ ଅଛି । ଏହାଛଡ଼ା ଡାଳ ଓ ପତ୍ରକୁ ଗୋଖାଦ୍ୟ ରୁପେ ମଧ୍ୟ ବ୍ୟବହାର କରାଯାଇଥାଏ ।

**ଫୁଲ :** ପାତନ ପ୍ରଣାଳୀରେ ବେଲଫୁଲରୁ ଏକପ୍ରକାର ସୁବାସିତ ଅତର  ବାହାରିଥାଏ ।

**କାଠ :** ପ୍ରଥେମ କାଟିଲାବେଳେ ଏହି କାଠ ସୁଗନ୍ଧଯୁକ୍ତ ହୋଇଥାଏ । ଏହି କାଠ  ଧୂସର ଧଳା ରଙ୍ଗର ଅଟେ । ଏହା କଠିନ, କିନ୍ତୁ ଦୀର୍ଘସ୍ଥାୟୀ ନୁହେଁ । ଏହାକୁ କୃଷ ଉପକରଣ, ତେଲକଳ, ଚିନିକଳ, ହେମଦସ୍ତା, ଶଗଡ଼ ତିଆରି ଓ ସମୟ ସମୟରେ ଘର ତିଆରିରେ ମଧ୍ୟ ବ୍ୟବହାର କରାଯାଏ । କିନ୍ତୁ ଏହାକୁ କାଟିବା ସମୟରେ ସାଧାରଣତଃ ଏହା ଫାଟି ଯାଇଥାଏ । ଛୁରୀବେ  , କାରୁକାର୍ଯ୍ୟ ଖୋଦେଇ କାର୍ଯ୍ୟ ଓ ପାନିଆ ଆଦି ଏଥିରୁ ପ୍ରସ୍ତୁତ କରାଯାଇଥାଏ ।

**ବିଷାକ୍ତ ପ୍ରକ୍ରିୟା**

ଏହାର ପତ୍ରରେ ଗର୍ଭପାତ ଓ ଜନ୍ମନିୟନ୍ତ୍ରଣ ଗୁଣ ଅଛି ବୋଲି କୁହାଯାଏ । ବେଲଗଛର ଛେଲିକୁ କେତେକ ଦ୍ୱୀପ ଅଧିବାସୀମାନେ ମାଛ ବିଷ ଭାବେ ବ୍ୟବହାର କରିଥାଆନ୍ତି । ଏଥିରେ  ଥିବା ଟାନିନ୍‌କୁ ଅଧିକ ଦିନ ଧରି ନିୟମିତ ଭାବେ ବ୍ୟବହାର କଲେ ଏହା ପୃଷ୍ଟି ହାନିକାରକ ଓ ବିଷ ପ୍ରକ୍ରିୟାଯୁକ୍ତ ହୋଇଥାଏ ।



# ବେଲ ଗଛରେ ଆୟ ବ୍ୟୟର ବିବରଣୀ

(୧୦୦ ଗଛ ପାଇଁ)

| ବର୍ଷ | ୧ମ | ୨ୟ | ୩ୟ | ୪ର୍ଥ | ୫ମ | ୬ଷ୍ଠ | ୭ମ | ୮ମ | ୯ମ | ୧୦ମ |
|---|---|---|---|---|---|---|---|---|---|---|
| ୧. ଗଛରା କିଣିବାର ଖର୍ଚ୍ଚ (ଗଛରା ପ୍ରତି ୨୦ ଟଙ୍କା) | ୨୦୦୦ | -- | -- | -- | -- | -- | -- | -- | -- | -- |
| ୨. ଗାତ ଖୋଳିବା ଖର୍ଚ୍ଚ (ଗାତ ପ୍ରତି ୧୦ ଟଙ୍କା) | ୧୦୦୦ | -- | -- | -- | -- | -- | -- | -- | -- | -- |
| ୩. ଜଳସେଚନ ପାଇଁ ଖର୍ଚ୍ଚ | ୧୬୦୦ | ୮୦୦ | ୮୦୦ | ୮୦୦ | ୮୦୦ | ୮୦୦ | ୮୦୦ | ୮୦୦ | ୮୦୦ | ୮୦୦ |
| ୪. କ୍ଷେତ ଓ ଗଛରାର | ୪୦୦୦ | -- | -- | -- | -- | -- | -- | -- | -- | -- |
| ସୁରକ୍ଷା ପାଇଁ ଖର୍ଚ୍ଚ | | | | | | | | | | |
| ୫. ସାର ଓ ଗଛ ଖର୍ଚ୍ଚ | ୧୬୦୦ | ୧୬୦୦ | ୧୬୦୦ | ୧୬୦୦ | ୨୦୦୦ | ୨୦୦୦ | ୨୦୦୦ | ୨୦୦୦ | ୨୦୦୦ | ୨୦୦୦ |
| ୬. ଫସଲ ସଂରକ୍ଷଣ ଏବଂ | ୧୩୦୦ | ୧୦୦୦ | ୧୦୦୦ | ୧୦୦୦ | ୧୦୦୦ | ୧୦୦୦ | ୧୦୦୦ | ୧୦୦୦ | ୧୦୦୦ | ୧୦୦୦ |
| ଅନ୍ୟାନ୍ୟ ଖର୍ଚ୍ଚ | | | | | | | | | | |
| ୭. ଫଳ ତୋଳିବା ଖର୍ଚ୍ଚ | -- | -- | -- | ୪୦୦ | ୫୦୦ | ୬୦୦ | ୭୦୦ | ୭୦୦ | ୮୦୦ | ୮୦୦ |
| ୮. ମୋଟ ଖର୍ଚ୍ଚ | ୧୧୫୦୦ | ୩୪୦୦ | ୩୪୦୦ | ୩୮୦୦ | ୪୩୦୦ | ୪୪୦୦ | ୪୫୦୦ | ୪୫୦୦ | ୪୬୦୦ | ୪୬୦୦ |
| ୯. ମୋଟ ବେଲ ଉତ୍ପାଦନ | -- | -- | -- | ୧୦୦୦ | ୨୦୦୦ | ୩୦୦୦ | ୩୦୦୦ | ୪୦୦୦ | ୫୦୦୦ | ୫୦୦୦ |
| (କିଲୋଗ୍ରାମରେ) | | | | | | | | | | |
| ୧୦. ବିକ୍ରୀ ପର ଆୟ | -- | -- | -- | -- | ୫୦୦୦ | ୧୦୦୦୦ | ୧୫୦୦୦ | ୧୫୦୦୦ | ୨୦୦୦୦ | ୨୫୦୦୦ |
| ୧୧. ଲାଭ/କ୍ଷତି | (-)୧୧୫୦୦ | (-)୩୪୦୦ | (-)୩୪୦୦ | ୧୨୦୦ | ୫୭୦୦ | ୧୦୬୦୦ | ୧୦୫୦୦ | ୧୫୫୦୦ | ୨୦୪୦୦ | ୨୦୪୦୦ |



**ଲାଭ କ୍ଷତି**

୧୦୦ଟି ବେଲଗଛରୁ ୧୦ ବର୍ଷପରେ ଲାଭ ହାରାହାରୀ (୮୪୩୫୦-୧୮୩୦୦)= ୬୬୦୫୦ ଟଙ୍କା ମିଳିଥାଏ। ଆଠଦଶ ବର୍ଷର ଗଛ ହେଲେ ଗୋଟିଏ ବେଲଗଛରୁ ବାର୍ଷିକ ହାରାହାରୀ ୨୦୦ ଟଙ୍କା ଲାଭ ହୁଏ । ଏଣୁ ଠିକ ଭାବରେ ଚାଷ କଲେ ବେଲ ଗଛ ବଡ଼ ହୋଇଗଲା ପରେ ପ୍ରତିବର୍ଷ ଆୟ ମିଳିଥାଏ ।

## କେତେକ ବେଲ ବ୍ୟବସାୟୀଙ୍କ ଠିକଣା

୧. ପୁରନ୍‌ମଲ୍ ଅଗ୍ରୱାଲ୍
ବସଷ୍ଟାଣ୍ଡ୍ ପାଖ
କ ।ବାଞ୍ଜି
ବଲାଙ୍ଗୀର

୨. ଜୟକିଶନ୍ ଅଗ୍ରୱାଲ୍
ଜୈନ ମେନ୍ ମାର୍କେଟ
କ ।ବାଞ୍ଜି
ବଲାଙ୍ଗୀର

୩. ଏମ୍ ମାଜିଦ
ଯୋଗୀ ମୁଣ୍ଡା
ବଲାଙ୍ଗୀର

୪. ଶିବା ଟ୍ରେଡିଙ୍ଗ୍ କମ୍ପାନୀ
ଷ୍ଟେସନ୍ ରୋଡ୍
ରାୟପୁର

୫. ଯୋଗରାଜ୍ ଚଣ୍ଡକ
ଜେ.ଆର୍.ଟ୍ରେଡରସ୍
ଷ୍ଟେସନ୍ ରୋଡ୍, ରାୟପୁର



୬. ମହମ୍ମଦ ଅଫ୍‌ଜଲ୍

ଦୋକାନ ନମ୍ବର- ୩୨

କମଳା ସୁପର ବଜାର

ରାୟପୁର